text of the time

# ଶୈଳେନ୍ଦ୍ର ଦ୍ୱିବେଦୀ

ଶୈଳେନ୍ଦ୍ରଙ୍କ ପ୍ରବନ୍ଧ କ୍ଷୁଦ୍ରଗଳ୍ପ ପରି ଲାଗେ ଏବଂ ଏକା ନିଃଶ୍ୱାସକେ ପଢ଼ି ହୋଇଯାଏ.
'ପ୍ରମେୟ'

# ଅନ୍ତରୀକ୍ଷର ଆଖି



EVENTS

# ହିଂସା ଜିନ୍‌ରେ ଅଛି

ନିକଟରେ 'ନେଚର୍' ପତ୍ରିକା ସମେତ ଅନ୍ୟାନ୍ୟ ଖବରକାଗଜରେ ପ୍ରକାଶିତ ହୋଇଛି ଏମିତି ଏକ ଖବର: "ମଣିଷ ସମାଜରେ ସଂଗଠିତ ହିଂସା/ଯୁଦ୍ଧ ୧୦,୦୦୦ ବର୍ଷ ପ୍ରାଚୀନ।" କେନିଆର (ନାଟାରୁକ୍) ହ୍ରଦ କୂଳରୁ ମିଳିଛି ୨୭ ଟି ମୃତଦେହର ଅବଶେଷ ଯାହା ୧୦,୦୦୦ ବର୍ଷ ପୁରୁଣା ବୋଲି ଜଣାପଡ଼ିଛି। ଗୋଟିଏ ଜାଗାରେ ୨୭ଟି ଦେହାବଶେଷ ସାଧାରଣ ଅର୍ଥରେ ଗଣସମାଧି ମନେ ହୋଇପାରେ। ତେବେ ପାଠକେ, କଥାଟି ଅବିକଳ ତାହା ନୁହେଁ। ବିଖଣ୍ଡିତ କଙ୍କାଳ/ଅସ୍ଥି ଅଧ୍ୟୟନରୁ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟର ଗବେଷକମାନେ ଆପାତତଃ ଏଇ ନିର୍ଣ୍ଣୟରେ ପହଞ୍ଚିଛନ୍ତି ଯେ ମୋଟ ୨୭ ଜଣଙ୍କ ମଧ୍ୟରୁ ୮ ଜଣ ମହିଳା ଏବଂ ୬ ଜଣ ଶିଶୁ। ଏ ସମସ୍ତଙ୍କର ମୃତ୍ୟୁ ହିଂସାକାଣ୍ଡଜନିତ। ଅତୀତରେ ଏମାନେ ଗୋଟିଏ ବସତିରେ ରହୁଥିଲେ ଏବଂ କୌଣସି କାରଣରୁ ଏମାନଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରାଯାଇଥିଲା। ଏଇ ଗଣହତ୍ୟା କେବଳ ବର୍ବରୋଚିତ ନଥିଲା- ଯୋଜନାବଦ୍ଧ ମଧ୍ୟ ଥିଲା। ମିଳିଥିବା କଙ୍କାଳରୁ ୧୨ଟି ଅପେକ୍ଷାକୃତ ସାମାନ୍ୟ ଭଲ ଅବସ୍ଥାରେ ଅଛି। ପରୀକ୍ଷା ଉତ୍ତାରୁ ଜଣାପଡ଼ିଛି ଯେ ତୀକ୍ଷ୍ଣ ଅସ୍ତ୍ରରେ ସେମାନଙ୍କ ମୁଣ୍ଡକୁ ବାରମ୍ବାର ଆଘାତ କରାଯାଇଛି। ଗବେଷକମାନଙ୍କ ଅନୁମାନ ଯେ ଏଇ ୨୭ ଜଣ ସମ୍ଭବତଃ ଏକ ସଂପ୍ରସାରିତ ପରିବାରର ସଦସ୍ୟ/କୁଟୁମ୍ବ ହୋଇଥାଇପାରନ୍ତି ଏବଂ ସାମୟିକ ଭାବରେ (କେଇ ମାସ ଆଗରୁ) ସେମାନେ ସେଇ ଅଞ୍ଚଳରେ ରହିପାରନ୍ତି। ସେ କାଳରେ ଚଳିବାପାଇଁ ଶିକାର ହିଁ ପ୍ରାୟତଃ ସାଧନ ଥିଲା। ସେ ଯାଏଁ କୃଷି ସଂଗଠିତ ହୋଇନଥିଲା। ଆଦିମ ଅଧିବାସୀମାନେ ଦଳରେ ରହୁଥିଲେ। ଗୋଟିଏ ଦଳର ମୁକାବିଲା ଆଉ ଗୋଟିଏ ଦଳ ସହିତ ହେଉଥିଲା ଏଇଥିପାଇଁ: ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ଆଧିପତ୍ୟ/ଚାରଣଭୂମି/ପଶୁ/ ଖାଦ୍ୟ ଏବଂ ମହିଳା। ନ୍ୟାୟ, ନୀତି ଭିତ୍ତିରେ ସାମାଜିକ ଜୀବନ/ଚଳଣିର ସିନ୍ଦୂରା ଫାଟି ନଥିଲା, ନଚେତ୍ ସେଇ ମର୍ମରେ ସମାଜର

ସଂରଚନା ଏକଦମ୍ ପ୍ରାଥମିକ ସ୍ତରରେ ଥିଲା । ଏମିତି ଏକ ଦଳର ଦଳପତି ବୋଇଲେ ବୁଝାଉଥିଲା ନିଜ ଦଳ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ । ସେଇ ଦୃଷ୍ଟିରୁ ନାଟାରୁକ୍ ଘଟଣା ଏକ ଯୋଜନାବଦ୍ଧ ଆକ୍ରମଣ ହେବାରେ ଅସ୍ୱାଭାବିକତା ନାହିଁ, କିନ୍ତୁ ତଫାତ୍ ହେଉଛି ଏଠି ଦୃଶ୍ୟମାନ ହୋଇଥିବା ବୀଭତ୍ସତା । ଛୋଟଛୋଟ ପିଲାମାନଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣ । ମୋଟ ଉପରେ ହିଂସାର ମାତ୍ରା । ସ୍ପଷ୍ଟ କରୁଛି ଯେ ଏ ସମୁଦାୟ ପ୍ରକରଣରେ ଯାହା ସର୍ବାଧିକ ସ୍ପର୍ଶକାତର, ତାହା ହେଉଛି ଏକ ଅନ୍ତଃସତ୍ତ୍ୱା ମହିଳାଙ୍କ ଅବଶେଷର ଆବିଷ୍କାର । ଆକ୍ରମଣରେ ଉଭୟ ଧନୁତୀର ଏବଂ ମୋଟା ବାଡ଼ି ବ୍ୟବହାର ହୋଇଥିବା ଜଣାପଡ଼ିଛି । ପାଠକେ, ନାଟାରୁକ୍‌ର ଜୀବାଶ୍ମ ସ୍ପଷ୍ଟ କରିବାକୁ ଯାଉଛି ଯେ ମଣିଷର ବିକାଶକ୍ରମରେ 'ସଂଗଠିତ କୃଷି'ଠୁ ଅଧିକ ପ୍ରାଚୀନ ହେଉଛି 'ସଂଗଠିତ ହିଂସା' ।

ମତାନୈକ୍ୟ ମଧ୍ୟ ରହିଛି, କାରଣ ପୂର୍ବ ଅଧ୍ୟୟନ ମୁତାବକ କୃଷି ସଂଗଠିତ ହେବା ଆଗରୁ ହିଂସା, ବିଶେଷକରି ଗଣହତ୍ୟାର ଆନୁଷ୍ଠାନିକ ଗୃହ ପ୍ରବେଶ ଘଟିନଥିଲା । ପ୍ରକୃତି ଥିଲା ଆରଣ୍ୟକ ଏବଂ ଅପୂର୍ବ । କୃଷି ପାଇଁ ଉର୍ବର ଭୂଇଁର ତଲାସ ଏବଂ ସେଇ ଭୂଇଁ ବା ଇଲାକା ଉପରେ ଆଧିପତ୍ୟ ବିସ୍ତାର କରିବାର ମନୋବୃତ୍ତି ସେତେବେଳେ ଦାନା ବାନ୍ଧି ନଥିଲା । ସେଇ ପ୍ରେକ୍ଷାପଟରେ ଭ୍ରାମ୍ୟମାଣ ଦଳ ସ୍ୱାଭାବିକ ସେତେ ହିଂସ୍ର ନଥିଲେ । ଅର୍ଥାତ୍, ହିଂସା କାଁଭାଁ ଥିଲା । ତେବେ ଏକଥା ନୁହେଁ ଯେ ନାଟାରୁକ୍ ଆଗରୁ ଗଣସମାଧିର ଆବଷ୍କାର ହୋଇନଥିଲା । ଜର୍ମାନୀରେ ମିଳିଥିବା ସମାଧି ପାଞ୍ଚହଜାର ବର୍ଷ ପୁରୁଣା ଥିଲା, ଅର୍ଥାତ୍ ହିଂସାର କ୍ଷତ ସେଇ ଆବିଷ୍କାର ଅନୁଯାୟୀ ସମ୍ଭବ ହୋଇସାରିଥିଲା । ଆନୁଷ୍ଠାନିକ କୃଷିର ମୂଳଦୁଆ ପଡ଼ିବା ପରେ ପରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଆବିଷ୍କାର ହୋଇଥିଲା ଉତ୍ତର ସ୍ପେନରେ । ପ୍ରତ୍ନତାତ୍ତ୍ୱିକ ଭୂଖନନରୁ ମିଳିଥିଲା ୨୮ଟି ଖପୁରୀ । ଜଣାପଡ଼ିଥିଲା ଯେ, ୪,୩୦,୦୦୦ ବର୍ଷ ଆଗରୁ ମଧ୍ୟ ହିଂସାକାଣ୍ଡ ହେଉଥିଲା । ତେବେ ସ୍ପେନ୍‌ରେ ମିଳିଥିବା ଦେହାବଶେଷ (୨୮)ରୁ ମାତ୍ର ଜଣଙ୍କ ଖପୁରିରେ (କ୍ରାନିୟମ୍-୧୭) ହିଂସାତ୍ମକ ଆକ୍ରମଣର ଚିହ୍ନ ଥିଲା । ସେତେବେଳେ ଆଲୋଚନା ହୋଇଥିଲା ଯେ ପାରସ୍ପରିକ ହିଂସା ମଣିଷ ସହିତ ମିତ ବସିଛି- ଆରମ୍ଭରୁ । ଅନ୍ୟ ଅର୍ଥରେ, ଜୈବିକ ବିବର୍ତ୍ତନ ସହିତ ସମକାଳୀନ ହୋଇରହିଛି ତା'ର ହିଂସ୍ରତା । ଲକ୍ଷଲକ୍ଷ ବର୍ଷର କ୍ରମବିବର୍ତ୍ତନ ଆମକୁ ଯେତିକି ପରିମାଣରେ କୋମଳ କରିଛି, ସମାନ ପରିମାଣରେ ହିଂସ୍ର କରି ବି ତିଆରିଛି । ଆମ ଉପରେ ଅବକ୍ଷୟର (ଚେତନା ସ୍ତରରେ) ଧାରାବାହିକ ଆକ୍ରମଣ ତେଣୁ ଅବ୍ୟାହତ ରହିଛି । ୨୦୧୧ରେ ସମାନ ପ୍ରମାଣ ମିଳିଥିଲା ଚୀନ୍‌ରେ ଆବିଷ୍କୃତ ଏକ ଦେହାବଶେଷରୁ ଯାହା ବୈଜ୍ଞାନିକମାନଙ୍କୁ ବିଶ୍ୱାସ କରାଇବାପାଇଁ ବାଧ କରିଥିଲା

ଯେ ପାଖାପାଖି ୨ ଲକ୍ଷ ବର୍ଷ ତଳେ ଆଦିମ ଜୀବନଚର୍ଯ୍ୟାରେ ପାରସ୍ପରିକ ହିଂସା ଏକାବେଳକେ ଆକସ୍ମିକ ନଥିଲା । ତେବେ ନାଟାରୁକ୍ ଆବିଷ୍କାର ସ୍ୱତନ୍ତ୍ର, କାରଣ ଏହା ଯୋଜନାବଦ୍ଧ ଗଣହତ୍ୟା ଥିଲା ।

ପାଠକମାନେ ଜାଣନ୍ତି, ଆମର ପୂର୍ବଜମାନେ ପୃଥିବୀରେ ବିଚରଣ କରିବା ଆରମ୍ଭ କରିଥିଲେ ପ୍ରାୟ ୬ ନିୟୁତ ବର୍ଷ ଆଗରୁ । ତେବେ ଯେଉଁ ଜୈବିକ ବେହେରାରେ ଆମେ ଏବେ ନିଜକୁ ପାଉଛୁ, ସେ ଶରୀରକୁ ବିବର୍ତ୍ତନ ଢ଼େର୍ ଘଷିମାଜି ଆମକୁ ଭେଟି ଦେଇଥିଲା ମାତ୍ର ୨ ଲକ୍ଷ ବର୍ଷ ତଳେ । କିନ୍ତୁ ସଭ୍ୟତାର ଖଡ଼ିପାଠ ସେତେବେଳେ ଆରମ୍ଭ ହୋଇନଥିଲା, ଯାହା ଆରମ୍ଭ ହେଲା ପ୍ରାୟ ୬୦୦୦ ବର୍ଷ ପୂର୍ବେ । ପ୍ରତିକୂଳ ପ୍ରାକୃତିକ ସ୍ଥିତି ସହିତ ନିରନ୍ତର ଯୁଝି 'ଯୋର ଯା'ର ମୂଳକ ତା'ର' ତତ୍ତ୍ୱକୁ ଅତିକ୍ରମି ସଭ୍ୟ, ସମ୍ବେଦନଶୀଳ ଏବଂ ଶାନ୍ତିପ୍ରିୟ ସମାଜର ନିର୍ମାଣ ଆଗରୁ ଆଙ୍ଗୁଠି ସନ୍ଧିରୁ ନିଗିଡ଼ି ଯାଉଥିଲା ଯଥେଷ୍ଟ ସମୟ । ଆମର 'ମୂଳ' ଆରଣ୍ୟକ ଅବଶ୍ୟ ଥିଲା, ତେବେ ଏତେ ଦୀର୍ଘ ଯାତ୍ରା ପରେ ହିଂସା-ଯାହା ଜନ୍ତୁମାନଙ୍କ ଜଗତରେ ସ୍ୱାଭାବିକ ଭାବେ ଉପସ୍ଥିତ, ତାହା ମଣିଷ ସହିତ କେମିତି ସ୍ୱାଭାବିକ ହୋଇ ତିଷ୍ଠି ରହିଲା, ଏବେ ବି ରହସ୍ୟାବୃତ୍ତ ହୋଇରହିଛି । ବିତର୍କର ମହାମଞ୍ଚ ତେଣୁ ଆଜି ବି ଖୋଲା ଅଛି: ମଣିଷ ତୁଚ୍ଛା ପ୍ରବୃତ୍ତି ନା ପ୍ରବୃତ୍ତିର ଊର୍ଦ୍ଧ୍ୱରେ ଏକ ପରମ, ଦିବ୍ୟସତ୍ତା; ସେ ଜାନ୍ତବ ସତ୍ତା ନା ବିଶୁଦ୍ଧ ଚେତନା ? ନା ଉଭୟର ମଝିରେ ଠିଆହୋଇଥିବା ଅର୍ଦ୍ଧସତ୍ୟ ? ?

ଏବେ ଆସିବା କୃଷି ସମ୍ପର୍କରେ ଏକ ସଂକ୍ଷିପ୍ତ ଆଲୋଚନାକୁ । କୃଷି ସଂଗଠିତ/ ବ୍ୟବସ୍ଥିତ ଢ଼ାଞ୍ଚାରେ ଅବିକଳ କେତେହଜାର ବର୍ଷ ଆଗରୁ ଆରମ୍ଭ ହେଲା, ସେ ନେଇ ମଧ୍ୟ ମତ ପାର୍ଥକ୍ୟ ରହିଛି । ମାତ୍ର ଅନେକଙ୍କର ବିଶ୍ୱାସ ଯେ ସଂଗଠିତ କୃଷି ଅତିବେଶୀରେ ୭,୦୦୦-୮୦୦୦ ବର୍ଷ ପୁରୁଣା । ଭୂମଧ୍ୟସାଗରଠୁ ପାରସ୍ୟ ଉପକୂଳ ପର୍ଯ୍ୟନ୍ତ ବିସ୍ତୃତ ଉର୍ବର ଅଞ୍ଚଳରେ ଆମର ପୂର୍ବଜମାନେ ଚାଷ ଆରମ୍ଭ କରିଥିଲେ । ଏଇ କ୍ରମରେ ମିଶର, ସିନ୍ଧୁ ଉପତ୍ୟକା ଏବଂ ଚୀନ ମଧ୍ୟ ବାଦ୍ ପଡ଼ିନଥିଲା । ଆଧୁନିକ ଜଳସେଚନ, ବିହନ, କୃଷି ପ୍ରଣାଳୀ ଓ ରାସାୟନିକର ବ୍ୟବହାର ଯଥେଷ୍ଟ ପରେ ଆସିଲା (ଶେଷ ଦୁଇ ଶହ ବର୍ଷ ଭିତରେ) । ଚାଷର ପ୍ରଥମ ଫସଲ ନିରୋଳା ଅରଣ୍ୟ ଫସଲ ମଧ୍ୟ ନଥିଲା, ଯଦିଓ ଗହମ ଓ ବାର୍ଲିର ଜଙ୍ଗଲ ପ୍ରଜାତିରୁ ଆରମ୍ଭ ହୋଇଥିଲା ଆନୁଷ୍ଠାନିକ ଅଙ୍କୁରୋଦଗମ୍ । ଏଇ ୭୦୦୦ ବର୍ଷ ଭିତରେ ଆରଣ୍ୟକ ଶସ୍ୟଠୁ ଜି.ଏମ୍ ଫସଲ ପର୍ଯ୍ୟନ୍ତ ଆମେ ପହଞ୍ଚିସାରିଲୁଣି, କିନ୍ତୁ ଜଳବାୟୁ ପରିବର୍ତ୍ତନ ଏକଥା ସୂଚେଇ ସାରିଲାଣି ଯେ ଯଦି ପ୍ରାକୃତିକ ତତ୍ତ୍ୱମାନଙ୍କ ସହିତ ଲଢ଼ିବାପାଇଁ ପଡ଼ିବ ଏବଂ କୃଷକକୁ ପରିବର୍ତ୍ତିତ ସ୍ଥିତିରେ, ସକଳ ଅସାମଜସ୍ୟ

ଭିତରେ ଫସଲ ଉପୁଜେଇବାକୁ ହେବ, ତେବେ ଖୁବ୍ ସମ୍ଭବ ଆଧୁନିକ ପରୀକ୍ଷାଗାର ଆମ ପାଇଁ ପର୍ଯ୍ୟାପ୍ତ ହେବନାହିଁ- ଆମକୁ ପଛକୁ ଚାହିଁବାକୁ ପଡ଼ିବ। କ୍ରମଶଃ ସ୍ପଷ୍ଟ ହେଉଛି ଯେ ଜଙ୍ଗଲ ପ୍ରଜାତିମାନେ ହିଁ ଜଳବାୟୁ ପରିବର୍ତ୍ତନଜନିତ ସ୍ଥିତିକୁ ବରଦାସ୍ତ କରିପାରିବେ। ଗବେଷକମାନଙ୍କ ମତ, ୬୦୦୦ରୁ ୧୦,୦୦୦ ବର୍ଷ ତଳେ ପୃଥିବୀରେ ଗୋଟିଏ ଦୁଇଟି ଅଞ୍ଚଳରେ ନୁହେଁ, ୧୦/୧୧ଟି ଭିନ୍ନଭିନ୍ନ ଅଞ୍ଚଳରେ କୃଷି ସଂଗଠିତ ହୋଇଥିବାର ଦୃଷ୍ଟାନ୍ତ ରହିଛି ଏବଂ ସେଇ ଦୃଷ୍ଟିରୁ ଆମର ଅଧ୍ୟୟନକୁ ବ୍ୟାପକ କରିବାର ଆବଶ୍ୟକତା ରହିଛି। କିଏ ଜାଣେ, ଆଗକୁ ଚାଷକୁ ନେଇ ଆମର ଅଭିଜ୍ଞତା ବୈପ୍ଳବିକ ଭାବରେ ବଦଳି ଯାଇପାରେ !

ଅନ୍ୟପକ୍ଷରେ, ଉତ୍ତର ଆଧୁନିକ ଜୀବନଶୈଳୀ ହିଂସାର ନୂଆ ଅଭିଧାନ ଲେଖିବା ଜାରି ରଖିଛି। ଆମର ତଥାକଥିତ ପ୍ରଗତି, ହରିବୋଲ ହୁଳହୁଳି ଦିଆ ସଂକୀର୍ତ୍ତନ ସଂସ୍କୃତି ଚେତନାର କ୍ରମ ଆରୋହଣକୁ ବରାବର ପ୍ରତିହତ କରିଆସୁଛି। ଆତଙ୍କର ଛାଇରେ ବାରୁଦର ଜୀବନ ଜ୍ଞାତସାରରେ ଆମେ ବାଛି ନେଇଛୁ। ଏଣେ ନାଟାରୁକ୍ ପରି ଆବିଷ୍କାର ଆମକୁ ସଂକେତ ଦେଇସାରିଲାଣି ଯେ ଆମର ଯାବତୀୟ ନୀତି ସଂହିତା, ଧର୍ମଶାସ୍ତ୍ର, ଆଧ୍ୟାତ୍ମିକତା ଏବଂ ଈଶ୍ୱର କଦାପି ପୂର୍ଣ୍ଣାଙ୍ଗ ବା ଅନ୍ତିମ ସତ୍ୟ ନୁହନ୍ତି। ମଣିଷ ପ୍ରାକୃତିକ ଭାବରେ ହିଂସ୍ର। ମନୋବିଜ୍ଞାନୀଙ୍କ ମତରେ ହିଂସା ବି ମଣିଷର ଏକ ବିଳାସ। ଅର୍ଥାତ୍, ନିଜ ଅନ୍ଧାରକୁ ଏକାବେଳକେ ଆଖିବୁଜିଦେଇ ଯୋଗନିଷ୍ଠ ହେବାର ଉପକ୍ରମ ମଧ୍ୟ ବିଶୁଦ୍ଧ ଛଳନା। ନିଜ ଭିତରର ଆକାଶ ଏବଂ ଅନ୍ଧାର ଭିତରେ ସମନ୍ୱୟ ଆଣିବାପାଇଁ ବିନମ୍ରତାର ସହିତ ଚେଷ୍ଟା କରିବାହିଁ ସେଇ ଦୃଷ୍ଟିରୁ ସମ୍ଭବତଃ ସର୍ବୋତ୍ତମ ସାଧନା। ପାଠକେ, ନିକଟରେ ପ୍ରକାଶିତ ଏକ ଖବର ଅନୁଯାୟୀ ପାରସ୍ପରିକ ହିଂସାରେ ପୃଥିବୀରେ ପ୍ରତିବର୍ଷ ପ୍ରାଣ ହରାଉଛନ୍ତି ୧.୬ ନିୟୁତ ଲୋକ।

(ସମାଜ, ତା ୧୮/୨/୨୦୧୬)



ବିଭିନ୍ନ ଓଡ଼ିଆ ସମ୍ବାଦପତ୍ରରେ ପ୍ରକାଶିତ ଶୈଳେନ୍ଦ୍ରଙ୍କ ଆଲେଖ୍ୟମାନ ଭିତ୍ତି କରିଛି ଅର୍ଥନୀତି, ରାଜନୀତି, ପରିବେଶ, ବିଜ୍ଞାନ, ଦର୍ଶନ ତଥା ମାନବବାଦୀ ପ୍ରସଙ୍ଗମାନଙ୍କୁ ନେଇ। ଯେଉଁ ଦୁଇଟି ବିଶେଷ କାରଣରୁ ଶୈଳେନ୍ଦ୍ରଙ୍କ ଲେଖା ପାଠକମାନଙ୍କୁ ଅଭିଭୂତ କରେ, ତାହା ହେଲା- ଶବ୍ଦ ବିନ୍ୟାସର କାରିଗରୀ ଏବଂ ବିଷୟବସ୍ତୁର ସାନ୍ଦ୍ରତା। ତାଙ୍କ ପ୍ରବନ୍ଧରେ ଭାବର ଗମ୍ଭୀରତା ସହ ରହିଥାଏ ବିଷୟକୁ କଠିନତାରୁ ମୁକ୍ତି କରିବାର ଏକ କଳାତ୍ମକ ପ୍ରୟାସ..

'ସମ୍ବାଦ'

ସରଳ, ସହଜ, ଭାବଗର୍ଭିକ ଏବଂ ଚିନ୍ତା ଉଦ୍ରେକକାରୀ

'ନିତିଦିନ'

ସାହିତ୍ୟ କହିଲେ ଆମେ କେବଳ ଗଳ୍ପ, କବିତା, ପ୍ରବନ୍ଧ ଓ ନାଟ୍ୟ ରଚନାକୁ ବୁଝି ଆସିଛୁ। ଭି ଏସ୍ ନୈପାଲ୍‌ଙ୍କ ମତରେ- ଏବେ ସାହିତ୍ୟ ତାର ବିଭାଗୀୟ ମାନ୍ୟତାକୁ ଅତିକ୍ରମ କରି ନିଜକୁ ରଚନାର ବିଶାଳ ଜଗତ ଭିତରେ ପ୍ରତିଷ୍ଠିତ କରିବା ଜରୁରୀ। ଶୈଳେନ୍ଦ୍ର ତାହାହିଁ କରି ଆସିଛନ୍ତି।

'ଇଭେଣ୍ଟସ୍'

## ଶୈଳେନ୍ଦ୍ରଙ୍କ ଅନ୍ୟାନ୍ୟ ରଚନା

ଅସନ୍ତୁଷ୍ଟ ହେବାର ଅନୁରାଗ, ମୁଖା, ମାୟାମିରିଗ, ଏକ ଚିତ୍ରବାଘର କାହାଣୀ, ଲୋହିତ ସୂର୍ଯ୍ୟର ଦେଶ
ପାହାଡ ତଳର ଏକ ଗାଁ, ବୋଆ ସିନିଅର୍‌ଙ୍କ ଶେଷ ଗୀତ. ନିଜ ନିଜ ନିର୍ବାଣ, ନିଜ ଭିତରେ ଆକାଶ
ଗାନ୍ଧୀଙ୍କ ସହିତ କପେ କଫି, ଜୋନାଥନ୍‌ର ଡେଣା

Events Publication
4555 VSS Nagar,
Bhubaneswar- 751007
prakas.mohapatra@gmail.com
ph- 8658788994

ISBN 978-81-908070-1-2
978-81-908070-1-2

NONFICTION

ରଚନା
₹-୧୫୦